




**ବିଜ୍ଞାନ ସଂସ୍ଥା ସ୍ଥାନାନ୍ତର ଉପରେ ହାଇକୋର୍ଟଙ୍କ ରହିତାଦେଶ**

ଓଡ଼ିଶା ଡଟ୍ କମ୍ ସମ୍ବାଦଦାତା

କଟକ, ନଭେମ୍ବର ୮(ଓଡ଼ିଶା ଡଟ୍ କମ୍) ପ୍ରସ୍ତାବିତ ଜାତୀୟ ବିଜ୍ଞାନ ସଂସ୍ଥାକୁ ରାଜ୍ୟରୁ ସ୍ଥାନାନ୍ତର ଉପରେ ଓଡ଼ିଶା ହାଇକୋର୍ଟ ମଙ୍ଗଳବାର ରହିତାଦେଶ ଜାରୀ କରିଛନ୍ତି ।

୨୦୦୩ ଡ଼ିସେମ୍ବରରେ ତତ୍କାଳୀନ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଭାରତୀୟ ବିଜ୍ଞାନ ସଂସ୍ଥାନ ଦେଶର ଚାରୋଟି ସହର ଯଥା ପୁନେ ,ଭୁବନେଶ୍ୱର,ଆହ୍ଲାବାଦ ,ଓ ଚେନ୍ନାଇରେ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଥିଲେ ।


ଏହାସହ ପଢନ୍ତୁ
ବିଜ୍ଞାନ ସଂସ୍ଥା ପ୍ରତିଷ୍ଠା ଦାବିରେ ଓଡ଼ିଶାରେ ଆନ୍ଦୋଳନ ପ୍ରସ୍ତୁତି
ବିଜ୍ଞାନ ସଂସ୍ଥା ସ୍ଥାନାନ୍ତର ନେଇ ସରକାରଙ୍କୁ ତଥ୍ୟ ମାଗିଲେ ହାଇକୋର୍ଟ
ବିଜ୍ଞାନ ସଂସ୍ଥା ସ୍ଥାନାନ୍ତର ପ୍ରସଙ୍ଗ ସଂସଦରେ ଉଠାଇବାକୁ ନେତାଙ୍କ ପ୍ରତିଶ୍ରୁତି
ଚାପ ପରେ ବିଜ୍ଞାନ ସଂସ୍ଥା ପ୍ରତିଷ୍ଠା ଦାବି ଦୋହରାଇଲେ ସରକାର
ବିଜ୍ଞାନ ସଂସ୍ଥା କଲିକତା ସ୍ଥାନାନ୍ତର ପ୍ରସ୍ତାବକୁ  ମୁଖ୍ୟମନ୍ତ୍ରୀଙ୍କ ବିରୋଧ


ନିକଟରେ ପ୍ରଧାନମନ୍ତ୍ରୀ କରିଥିବା ଘୋଷଣା ଅନୁସାରେ କୋଲକାତା ଏବଂ ପୁନେରେ  'ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ ଫର୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ' ପ୍ରତିଷ୍ଠା ହେବ ।

ତେବେ ଜାତୀୟ ବିଜ୍ଞାନ ସଂସ୍ଥାର ନାମ ବଦଳାଇ ଏହି ଅନଷ୍ଠାନକୁ କୋଲକାତାକୁ ସ୍ଥାନାନ୍ତର କରାଯାଇଛି ବୋଲି  ଅଭିଯୋଗ କରି 'ରାଜ୍ୟ ଜନସ୍ୱାର୍ଥ ସୁରକ୍ଷା ପରିଷଦ'ର ସଭାପତି ପ୍ରଶାନ୍ତ କୁମାର ଦାଶ ଏ ସଂକ୍ରାନ୍ତରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ ।

ଉକ୍ତ ମାମଲାର ବିଚାର କରି ହାଇକୋର୍ଟ ଗତ ଅକ୍ଟୋବର ମାସ ୨୫ ତାରିଖରେ କେନ୍ଦ୍ର ସରକାରଙ୍କ ଉକ୍ତ ନିଷ୍ପତ୍ତି ନେଇ ସମସ୍ତ ତଥ୍ୟ ଦାଖଲ କରିବା ପାଇଁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରୀ କରିଥିଲେ ।

ମୁଖ୍ୟ ବିଚାରପତି ସୁଜିତ ବର୍ମନ ରାୟ ଏବଂ ମଦନ ମୋହନ ଦାସଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହି ରହିତାଦେଶ ଜାରୀ କରିବା ସହ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ଚାରି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବା ପାଇଁ ଆଦେଶ ଦେଇଥିବା ଆବେଦନକାରୀଙ୍କ ପକ୍ଷରୁ କେଶ ଲଢୁଥିବା ବରିଷ୍ଠ ଆଇନଜୀବି ମଧୁସୂଦନ ପଣ୍ଡା ଓଡ଼ିଶା ଡଟ୍ କମ୍‌କୁ କହିଛନ୍ତି ।

ପଶ୍ଚିମବଙ୍ଗର ନାମ ଉଲ୍ଲେଖ ନ କରି ''ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନକୁ ଭୁବନେଶ୍ୱରରୁ ପୂର୍ବାଞ୍ଚଳର ଅନ୍ୟ କୌଣସି ସ୍ଥାନକୁ ସ୍ଥାନାନ୍ତର ଉପରେ ଆମେ ରହିତାଦେଶ ଜାରୀ କରୁଛୁ'' ବୋଲି କୋର୍ଟ ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି ।

ଓଡ଼ିଶା ଡଟ୍ କମ୍

# ସପିଙ୍ଗ୍ ଜୋନ୍

**ପରିଧାନ**

ସଲ୍ୱାର କାମିଜ୍ - ଶାଢ଼ୀ - ସାରଙ୍ଗ - କୁର୍ତ୍ତା - ଚୋଲି - ଟପ୍ସ୍

**ଘରକରଣା ସାମଗ୍ରୀ**

ଇଲୋକଟ୍ରୋନିକ୍ସ - ଘରକରଣା ସାମଗ୍ରୀ - ରୋଷେଇ ସାମଗ୍ରୀ - ସୁନା ଗହଣା - ଚମଡା ସାମଗ୍ରୀ - ଘଣ୍ଟା

**ଅନ୍ୟାନ୍ୟ**

ଜ୍ୟୋତିଷୀ - ବହି ଏବଂ ସିଡ଼ି -ଭାରତ ଦର୍ଶନ - ବନ୍ଧୁ ଉପହାର ସାମଗ୍ରୀ - ଭାରତକୁ ରାକ୍ଷୀ - ଆମେରିକାକୁ ରାକ୍ଷୀ - ଆମେରିକାକୁ ମିଠା - ଅନ୍ୟାନ୍ୟ ପରିଧାନ - ବ୍ୟାଗ - ୱାଲ ହେଙ୍ଗିଙ୍ଗ୍ - ତାଜା ଫୁଲ - ତାଜା ଫଳ -କେକ୍

Contact address: info@odisha.com , odisha@rediffmail.com
Copy right 2004-2009 odisha.com, All rights reserved
Editor in Chief: JATINDRA DASH
ଓଡ଼ିଶା ଡ଼ଟ୍ କମ୍‌ର ଘୋଷଣାନାମା